ସେଇଥୁ ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୨୧ ଜୁଲାଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

## ପଡ଼ିଆରେ ହାତାହାତି ହେଲେ ଆର୍ଜେଂଟିନା, ସ୍ପେନ ଖେଳାଳି



ନ୍ୟୁଜର୍ସି ୨୦/୭(ନ୍ୟୁ.ଏ): ବିଶ୍ୱକପ୍ ଫାଇନାଲ୍ ପରେ ଆର୍ଜେଂଟିନା ଓ ସ୍ପେନ୍ ଖେଳାଳିଙ୍କ ମଧ୍ୟରେ ବିବାଦୀୟ ପରିସ୍ଥିତି ଦେଖିବାକୁ ମିଳିଥିଲା । ମ୍ୟାଚ୍ ପରିସମାପ୍ତି ହ୍ୱିସଲ୍ ବାଜିବା ପରେ ଆର୍ଜେଂଟିନା ଲିଆଣ୍ଡ୍ରୋ ପାରେଡେସ୍ ସ୍ପେନ୍‌ର ମିଡ୍‌ଫିଲ୍ଡର ପାବ୍‌ଲୋ ଗାର୍ଭିରା (ଗାଭି)ଙ୍କୁ ରାଗରେ ଧକ୍କା ମାରୁଥିବା ଦେଖାଯାଇଥିଲା । ଆଉଜଣେ ଆର୍ଜେଂଟିନା ଖେଳାଳି ଥିଆଗୋ ଆଲ୍‌ମାଡା ମଧ୍ୟ ଏଥିରେ ସଂପୃକ୍ତ ଦେଖାଯାଇଥିଲା । ପାରେଡେସ୍‌ଙ୍କ ଧକ୍କା ଯୋଗୁଁ ଗାଭି ପଡ଼ିଆରେ ଖସିପଡ଼ିଥିଲେ । ପରିସ୍ଥିତି ଖରାପ ହେଉଥିବା ଦେଖି ଆର୍ଜେଂଟିନା ପ୍ରଶିକ୍ଷକ ଲିଓନେଲ୍ ସ୍କାଲୋନି ସେଠାରେ ପହଂଚି ଉଭୟ ପକ୍ଷର ଖେଳାଳିଙ୍କୁ ଅଲଗା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା । କିନ୍ତୁ ଉଭୟ ପକ୍ଷର ମଧ୍ୟରେ ଉତ୍ତେଜନା ଜାରି ରହିଥିଲା । ଏହି ଘଟଣା ପରେ ରେଫରି ସ୍ଲାଭ୍‌କୋ ଭିନ୍‌ସିକ୍ ପାରେଡେସ୍‌ଙ୍କୁ ଲାଲ୍‌କାର୍ଡ ଦେଖାଇଥିଲେ । ଏହି ବିବାଦର କାରଣ ଜଣାପଡ଼ି ନାହିଁ ଓ ଫିଫା ପକ୍ଷରୁ ମଧ୍ୟ କୌଣସି ବୟାନ ଜାରି ହୋଇନାହିଁ । ତେବେ ପରାଜୟ ପରେ ହତାଶ ହୋଇ ଆର୍ଜେଂଟିନା ଖେଳାଳି ଏପରି କରିଥିବା ଅନୁମାନ କରାଯାଉଛି ।

# ସ୍ପେନ୍ ବିଶ୍ୱ ସମ୍ରାଟ: ଆର୍ଜେଂଟିନା ହାରିଲା

ନ୍ୟୁଜର୍ସି ୨୦/୭(ନ୍ୟୁ.ଏ): ଅପୂର୍ବ ରଣନୀତି, ଅସାଧାରଣ କୌଶଳ ଓ ଅତୁଳନୀୟ ତାଳମେଳର ଅବିଶ୍ୱସନୀୟ ପରିଚୟ ଦେଇ ଫୁଟ୍‌ବଲ୍ ମହାକୁମ୍ଭର ମହାଲଢ଼େଇରେ ବାଜି ମାରି ନେଇଛି ସ୍ପେନ୍ । ୧୨୦ ମିନିଟ୍‌ର ଜୋରଦାର ଲଢ଼େଇରେ ଲାଟିନ୍ ଆମେରିକୀୟ ମହାଶକ୍ତି ଆର୍ଜେଂଟିନାକୁ ୧-୦ ଗୋଲ୍‌ରେ ହରାଇ ବିଶ୍ୱ ଫୁଟ୍‌ବଲର ନୂଆ ସମ୍ରାଟ ଭାବେ ଉଭା ହୋଇଛି । ମାସାଧିକ କାଳର ମହାସମରରେ ବିଜେତା ହୋଇ ୧୬ ବର୍ଷ ପରେ ଦ୍ୱିତୀୟବାର ବିଶ୍ୱ ମୁକୁଟ ବି ପିନ୍ଧିଛି । ରବିବାର ରାତିର ରୋମାଂଚଭରା ଫାଇନାଲ୍‌ରେ ଅତିରିକ୍ତ ସମୟ ଗୋଲ୍‌ରେ ଗତଥର ବିଜେତା ଆର୍ଜେଂଟିନାକୁ ମାତ୍ ଦେଇଛି ସ୍ପେନ୍ । ତା' ସହିତ ଫୁଟ୍‌ବଲ୍ ଇତିହାସରେ ନିଜ ସଫଳତାକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଛି । ସାରା ବିଶ୍ୱର ନଜର ଥିବା ଏହି ମହାଲଢ଼େଇର ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ୍ ଦେଇ ପାରି ନଥିଲେ । ଅତିରିକ୍ତ ସମୟରେ କିନ୍ତୁ ଗତିରୋଧ ଦୂର କରିଥିଲା ସ୍ପେନ୍ । ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୦-୦ରେ ଶେଷ ହେବା ପରେ ୧୦୬ ମିନିଟ୍‌ରେ ଏହି ଗୋଲଟି ଦେଇଥିଲେ ବଦଳ ଖେଳାଳି ଫେରାନ୍ ଟୋରେସ । ନିଜ ୨୦୧୦ ବିଶ୍ୱକପ୍ ବିଜୟୀ ବାହିନୀର ଉପସ୍ଥିତିରେ ସ୍ପେନ୍ ମେଗା ଫାଇନାଲ୍ ଜିତି



ଏହାକୁ ଆହୁରି ସ୍ମରଣୀୟ କରିଥିଲା । ୨୦୧୦ ପରେ ଦ୍ୱିତୀୟଥର ଫାଇନାଲ୍ ଖେଳି ଦ୍ୱିତୀୟବାର ବିଶ୍ୱବିଜେତା ହୋଇଥିଲା । ଅନ୍ୟପକ୍ଷରେ ଆର୍ଜେଂଟିନାର ମେସି ବାହିନୀ ମାତ୍ରାଧିକ ରକ୍ଷଣାତ୍ମକ ଖେଳ ଖେଳି ଉପବିଜେତାରେ ସନ୍ତୁଷ୍ଟ ରହିଥିଲା । ଲଗାତାର ଦ୍ୱିତୀୟ ଥର ବିଜେତା ହେବାର ସୁଯୋଗ ବି ହରାଇଥିଲା ଆର୍ଜେଂଟିନା । ୟୁରୋପୀୟ ଚାମ୍ପିଅନ୍ ସ୍ପେନ୍ ବିଶ୍ୱ ଚାମ୍ପିଅନ୍ ଆର୍ଜେଂଟିନାକୁ ହରାଇବା ଏକ ନିଆରା ସଂଯୋଗ ଥିଲା । ରବିବାରର ଫାଇନାଲ୍ ଟକ୍କରର ପ୍ରଥମାର୍ଦ୍ଧରେ ଉଭୟ ଦଳ ପାଖାପାଖି ସମାନ ସମୟରେ ବଲ୍‌କୁ ନିୟନ୍ତ୍ରଣ କରିଥିଲେ । ହେଲେ ଗୋଲ୍‌ପୋଷ୍ଟ ଉପରେ ଆକ୍ରମଣ କରିବା ଉପରେ ଆର୍ଜେଂଟିନାଠାରୁ ସ୍ପେନ୍ ଯଥେଷ୍ଟ ଆଗରେ ରହିଥିଲେ । ସ୍ପେନ୍ ୩ ଥର ଆର୍ଜେଂଟିନା ରକ୍ଷଣଭାଗକୁ ଭେଦ କରି ଗୋଲ୍ ଦେବାର ନିକଟତର ହୋଇଥିଲା । ଆର୍ଜେଂଟିନା କିନ୍ତୁ ଥରେ ହେଲେ ସ୍ପେନ୍ ଗୋଲପୋଷ୍ଟ ଉପରକୁ ଆକ୍ରମଣ କରି ପାରି ନଥିଲା । ବିପଜ୍ଜନକ ଖେଳ ପାଇଁ ୪୧ତମ ମିନିଟ୍‌ରେ ଆର୍ଜେଂଟିନାର ଅଭିଜ୍ଞ ଡାଇଫେଣ୍ଡର ଲିସାଣ୍ଡ୍ରୋ ମାର୍ଟିନେଜ୍‌ଙ୍କୁ ମ୍ୟାଚ୍‌ର ପ୍ରଥମ ହଳଦିଆ କାର୍ଡ ମିଳିଥିଲା । ପଡ଼ିଆରେ ପରସ୍ପର ମଧ୍ୟରେ ତାଳମେଳ, ଟକ୍କର, ଗୋଲ୍ କରିବାର ଆଗ୍ରହ, ଉଦ୍ୟମ ଏବଂ ପାସିଂ ଦୃଷ୍ଟିରୁ ସ୍ପେନ୍ ପ୍ରଥମାର୍ଦ୍ଧରେ ଏକପ୍ରକାର ଆଧିପତ୍ୟ ବିସ୍ତାର କରିଥିଲା । ଫଳରେ ପ୍ରଥମ ୪୫ ମିନିଟ୍ ଖେଳ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଥିଲା । ଦ୍ୱିତୀୟାର୍ଦ୍ଧରେ ଆର୍ଜେଂଟିନା ତା' ଖେଳରେ ଗତି ଯୋଡ଼ିଥିଲା । ହେଲେ ଏହି ଅର୍ଦ୍ଧରେ ମଧ୍ୟ ସ୍ପେନ୍‌ର ପଲା ଭାରି ରହିଥିଲା । ଏଞ୍ଜୋ ଫର୍ଣ୍ଣାଣ୍ଡେଜ୍ ଆଉ ଏକ ହଳଦିଆ କାର୍ଡ ପାଇବା ସହ ପଡ଼ିଆ ଛାଡ଼ିବାକୁ ବାଧ୍ୟ ହୋଇଥିଲେ । ଫଳରେ ଆର୍ଜେଂଟିନା ୧୦ ଜଣରେ ଖେଳିବାକୁ ବାଧ୍ୟ ହୋଇଥିଲା । ଆହତ ସମୟର ଶେଷ କ୍ଷଣରେ ସ୍ପେନ୍ ଫ୍ରି କିକ୍ ଅର୍ଜନ କରି ଗୋଲ୍ ଦେବାର ଅତି ନିକଟତର ହୋଇଥିଲା । ହେଲେ ଲାମିନେ ୟାମାଲଙ୍କ ସଟ୍‌କୁ ରୋକି ଆର୍ଜେଂଟିନା ଗୋଲ୍‌ରକ୍ଷକ ମାର୍ଟିନେଜ୍ ପୁଣି ଥରେ ନାୟକ ପାଲଟିଥିଲେ । ପ୍ରବଳ ଛକାପଞ୍ଝା ଭିତରେ ଦ୍ୱିତୀୟାର୍ଦ୍ଧରେ ବି ଗତିରୋଧ ଦୂର ନହୋଇ ସ୍ଥିତି ୦-୦ରେ ଅପରିବର୍ତ୍ତିତ ରହିଥିଲା ।

## ୟୁକ୍ରେନ ଛାଡୁଥିବା ଜାହାଜ ଉପରେ ଆକ୍ରମଣ, ୪ ଭାରତୀୟଙ୍କ ମୃତ୍ୟୁ



ନୂଆଦିଲ୍ଲୀ, ୨୦/୭ (ନ୍ୟୁ.ଏ): ୟୁକ୍ରେନର ଓଡ଼େଶା ବନ୍ଦର ଛାଡୁଥିବା ଏକ ମାଲବାହୀ ଜାହାଜ ଉପରେ ଆକ୍ରମଣ ହେବା ଦ୍ୱାରା ୪ ଭାରତୀୟ ନାଗରିକଙ୍କର ମୃତ୍ୟୁ ହୋଇଛି ଏବଂ ଅନ୍ୟଜଣେ ଗୁରୁତର ଅଛନ୍ତି । ବିଦେଶ ବ୍ୟାପାର ମନ୍ତ୍ରାଳୟ ଅନୁଯାୟୀ ଗିନି-ବିସାଉ ପତାକା ଥିବା ଜାହାଜ ଏମ୍‌ଭି ଗୋଲଷ୍ଟନ ଲିଓ ଉପରେ ଜୁଲାଇ ୧୯ ତାରିଖ ସନ୍ଧ୍ୟାରେ ଆକ୍ରମଣ ହୋଇଥିଲା । ୫ ଭାରତୀୟଙ୍କ ସମେତ ମୋଟ୍ ୧୭ ଜଣ କ୍ରୁ ସଦସ୍ୟ ଥିବା ଜାହାଜଟି ଓଡ଼େଶା ବନ୍ଦର ଛାଡୁଥିବାବେଳେ ଏହା ଉପରେ ଆକ୍ରମଣ ହୋଇଥିଲା । ଏହି ଆକ୍ରମଣରେ ୪ ଭାରତୀୟଙ୍କ ମୃତ୍ୟୁ ହୋଇଛି ଓ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି ବୋଲି ଏମ୍‌ଇଏ ସୋମବାର ଜାରି କରିଥିବା ବିବୃତିରେ କହିଛି । ୟୁକ୍ରେନସ୍ଥିତ ଭାରତୀୟ ଦୂତାବାସ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ଅଛନ୍ତି ଏବଂ ପ୍ରଭାବିତଙ୍କୁ ସହଯୋଗ କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ ଜାରି ରହିଛି ବୋଲି ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ।

## ଫଳପ୍ରଦ ମୌସୁମୀ ଅଧିବେଶନ ପାଇଁ ପ୍ରଧାନମନ୍ତ୍ରୀଙ୍କ ଅନୁରୋଧ



ନୂଆଦିଲ୍ଲୀ ୨୦/୭(ନ୍ୟୁ.ଏ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ଗଣମାଧ୍ୟମରେ ଉଦ୍‌ବୋଧନ ଦେଇ ଏକ ଫଳପ୍ରଦ ଅଧିବେଶନ ପାଇଁ ସାଂସଦମାନଙ୍କୁ ଅନୁରୋଧ କରିଛନ୍ତି । ମୋଦୀ ତଥ୍ୟ-ଆଧାରିତ ଅର୍ଥମୂଳକ ଆଲୋଚନା ଉପରେ ଗୁରୁତ୍ୱାରୋପ କରିଛନ୍ତି । ମୋଦୀ ବର୍ଷା ଋତୁ ଓ ସଂସଦର କାର୍ଯ୍ୟକାରିତା ମଧ୍ୟରେ ଏକ ତୁଳନା କରିଛନ୍ତି । ମୋଦୀ କହିଛନ୍ତି, ଏହା ବର୍ଷା ଋତୁ ହେଉ କି ସଂସଦର ମୌସୁମୀ ଅଧିବେଶନ, ଯଦି ଉଭୟ ସକ୍ରିୟ ରହେ, ତେବେ ଅତ୍ୟନ୍ତ ଫଳପ୍ରଦ ସାବ୍ୟସ୍ତ ହୁଅନ୍ତି । ଯେତେବେଳେ ଉଭୟ ଫଳପ୍ରଦ ହୁଅନ୍ତି, ସେତେବେଳେ ଦେଶର କଲ୍ୟାଣ ଓ ସମସ୍ତ ଜୀବଜଗତର ମଙ୍ଗଳ ସୁନିଶ୍ଚିତ ହୁଏ । ସେଥିପାଇଁ ଆମର ପ୍ରାର୍ଥନା ଯେ ବର୍ଷାଋତୁ ସକ୍ରିୟ ଓ ଫଳପ୍ରଦ ରହୁ, ଏବଂ ସଂସଦର ମୌସୁମୀଅଧିବେଶନ ମଧ୍ୟ ସଫଳ ହେଉ । ଉଭୟ ଗୃହରେ ଗଠନମୂଳକ ଆଲୋଚନା ପାଇଁ ଆହ୍ୱାନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ସଂସଦ ଅର୍ଥପୂର୍ଣ୍ଣ ବିତର୍କର ମଂଚ ହେବା ଉଚିତ । ସଂସଦରେ ଅଯଥା ହଡ଼ର କୌଣସି ଆବଶ୍ୟକତା ନାହିଁ । ପ୍ରତିଟି ସ୍ୱରକୁ ସଂସଦରେ ସ୍ଥାନ ମିଳିବା ଉଚିତ ।

## ବାହାରର କୋଳାହଳ ଉପରେ ଧ୍ୟାନ ଦିଏନି: ରୋହିତ



ଲର୍ଡସ୍, ୨୦/୭(ନ୍ୟୁ.ଏ): ହିଟ୍‌ମ୍ୟାନ୍ ଭାବେ ପରିଚିତ ରୋହିତ ଶର୍ମା ଲର୍ଡସ୍ ଦିନିକିଆରେ ବିସ୍ଫୋରକ ଶତକ ଅର୍ଜନ କରି ସମାଲୋଚକଙ୍କ ମୁହଁ ବନ୍ଦ କରିଦେଇଛନ୍ତି । ଏହା ସହିତ ସେ ତାଙ୍କର ଅବସରକୁ ନେଇ ଚାଲିଥିବା ଚର୍ଚ୍ଚାରେ ବି ଯବନିକା ପକାଇଛନ୍ତି । ମ୍ୟାଚ୍ ପରେ ସମାଲୋଚକଙ୍କୁ କଡ଼ା ଜବାବ ଦେଇ ରୋହିତ କହିଛନ୍ତି ଯେ ବାହାରର 'କୋଳାହଳ' (ସମାଲୋଚନା) ତାଙ୍କୁ ଆଦୌ ବିଚଳିତ କରେ ନାହିଁ, କାରଣ ନିଜ କ୍ୟାରିୟରର ଆରମ୍ଭରୁ ହିଁ ସେ ଏଥିରେ ଅଭ୍ୟସ୍ତ ହୋଇସାରିଛନ୍ତି । ରୋହିତ କହିଛନ୍ତି, "ମୋର କାମ ହେଉଛି ବ୍ୟାଟ୍ ଧରି ପଡ଼ିଆକୁ ଓହ୍ଲାଇବା, ଖେଳିବା ଏବଂ ମୋ ଦେଶର ପ୍ରତିନିଧିତ୍ୱ କରିବା । ମୁଁ ପଦାର୍ପଣ କରିବା ଦିନଠାରୁ ମୋତେ ଏହା ହିଁ କରିବାକୁ କୁହାଯାଇଛି ଏବଂ ମୁଁ ଏହା ହିଁ କରିଚାଲିଛି । ମୋ କ୍ୟାରିୟରର ପ୍ରଥମ ଦିନରୁ ହିଁ ଏଭଳି ବାହ୍ୟ 'କୋଳାହଳ' ଲାଗି ରହିଛି ଏବଂ ମୁଁ ଯେ ପର୍ଯ୍ୟନ୍ତ କ୍ରିକେଟ୍ ଖେଳୁଥିବି, ତାହା ଚାଲୁଥିବ । ଏହା ମୋ ପାଇଁ କୌଣସି ଗୁରୁତ୍ୱ ରଖେ ନାହିଁ । ମୁଁ ପଡ଼ିଆ ଭିତରେ କଣ କରୁଛି, କେବଳ ସେତିକି ହିଁ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ । ମୁଁ କେବଳ ଦଳର ସଫଳତାରେ ନିଜର ଯୋଗଦାନ ଦେବାକୁ ଚେଷ୍ଟା କରିବାକୁ ଚାହେଁ । ମୋର ସମଗ୍ର ଧ୍ୟାନ କେବଳ ଏହା ଉପରେ ହିଁ କେନ୍ଦ୍ରୀଭୂତ ରହିଛି'' । ରୋହିତ ପୂର୍ବରୁ ହିଁ ଟି-୨୦ ଏବଂ ଟେଷ୍ଟ କ୍ରିକେଟରୁ ଅବସର ନେଇସାରିଛନ୍ତି ଏବଂ ବର୍ତ୍ତମାନ ସେ କେବଳ ଦିନିକିଆ ଫର୍ମାଟ୍‌ରେ ହିଁ ସକ୍ରିୟ ଅଛନ୍ତି । ତେବେ ଇଂଲଣ୍ଡ ବିପକ୍ଷ ଦିନିକିଆ ଶୃଙ୍ଖଳାର ପ୍ରଥମ ଦୁଇ ମ୍ୟାଚ୍‌ରେ ବିଫଳତା ପରେ ଚର୍ଚ୍ଚା ହେଉଥିଲା ଯେ ସେ ଲର୍ଡସ୍ ଦିନିକିଆ ପରେ ଅବସର ଘୋଷଣା କରିବେ । କିନ୍ତୁ ବିସିସିଆଇ ଏହାକୁ ଖଣ୍ଡନ କରିଥିଲା ।

## ଚିକିତ୍ସା ପାଇଁ ବିଦେଶ ଯିବାକୁ ଅଭିଷେକ ବାନାର୍ଜୀଙ୍କୁ ହାଇକୋର୍ଟରୁ ମିଳିଲାନି ଅନୁମତି



କୋଲକାତା, ୨୦/୭ (ନ୍ୟୁ.ଏ): ତୃଣମୂଳ କଂଗ୍ରେସସାଂସଦ ଅଭିଷେକ ବାନାର୍ଜୀଙ୍କୁ ସୋମବାର କଲିକତା ହାଇକୋର୍ଟରୁ ଝଟ୍‌କା ଲାଗିଛି । ହାଇକୋର୍ଟ ଅଭିଷେକଙ୍କୁ ଚକ୍ଷୁ ଚିକିତ୍ସା ପାଇଁ ବିଦେଶ ଯାତ୍ରା କରିବାକୁ ଅନୁମତି ପ୍ରଦାନ କରିବାକୁ ମନା କରିଦେଇଛନ୍ତି । ହାଇକୋର୍ଟ ନିର୍ବାଚନୀ ଭାଷଣ ମାମଲାରେ ଅଭିଷେକଙ୍କୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ପୁଲିସ କାର୍ଯ୍ୟାନୁଷ୍ଠାନରୁ ମଧ୍ୟବର୍ତ୍ତିକାଳୀନ ସୁରକ୍ଷା ପ୍ରଦାନ କରିଛନ୍ତି । ତେବେ ଜଷ୍ଟିସ ସେ ଗତ ଭଟ୍ଟାଚାର୍ଯ୍ୟଙ୍କ ଖଣ୍ଡପୀଠ ଅଭିଷେକଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଏସ୍‌ଏସ୍‌କେଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଚକ୍ଷୁ ଯାଂଚ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଯଦି ଏସ୍‌ଏସ୍‌କେଏମ୍ ମେଡିକାଲ କଲେଜ ଓ ହସ୍ପିଟାଲର ମେଡିକାଲ ବୋର୍ଡ଼ କୋଲକାତାରେ ଚିକିତ୍ସା ସମ୍ଭବ ନୁହେଁ ବୋଲି ରିପୋର୍ଟ ଦିଅନ୍ତି ତେବେ ଅଭିଷେକଙ୍କ ବିଦେଶ ଗସ୍ତ ଆବେଦନ ଉପରେ ବିଚାର କରାଯିବ ବୋଲି କୋର୍ଟ କହିଛନ୍ତି । କୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାସକୁ ଘୁଂଚାଇ ଦେଇଛନ୍ତି । ଅଭିଷେକଙ୍କ ଓକିଲ କୋର୍ଟଙ୍କୁ କହିଥିଲେ ଯେ, ସେ ତାଙ୍କର ଚିକିତ୍ସା ପାଇଁ ୧୦ ବର୍ଷ ଧରି ଆମେରିକା ଯାଉଛନ୍ତି ଓ ତାଙ୍କୁ ଯାତ୍ରା କରିବାକୁ ଅନୁମତି ଦିଆଯିବା ଉଚିତ । ଅତିରିକ୍ତ ଆଡଭୋକେଟ୍ ଜେନେରାଲ ରାଜଦୀପ ମଜୁମଦାର କହିଛନ୍ତି ଯେ, ବାନାର୍ଜୀଙ୍କ ଭାରତରେ ଅନୁପସ୍ଥିତି ମାମଲାଗୁଡ଼ିକର ତଦନ୍ତକୁ ପ୍ରଭାବିତ କରିବ । ଏହି ମାମଲାରେ ୨୦୨୬ ବିଧାନସଭା ନିର୍ବାଚନ ପୂର୍ବରୁ ପ୍ରଚାରବେଳେ ଉତ୍ତେଜକ ଭାଷଣ ଦେବା ମାମଲା ରହିଛି । ଏହି ପ୍ରସଙ୍ଗରେ ମେ ୧୫ ତାରିଖରେ ବାନାର୍ଜୀଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଓ ଜନପ୍ରତିନିଧି ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା । ଏହା ଜାମିନବିହୀନ ମାମଲା ଥିଲା । ଜୁନ୍ ୧୬ ତାରିଖରେ ସିଆଇଡି ବାନାର୍ଜୀଙ୍କୁ ପ୍ରାୟ ସାଢ଼େ ଛଅ ଘଂଟା ଧରି ପଚରାଉଚରା କରିଥିଲା । ଜୁଲାଇ ୧୦ ତାରିଖରେ ଜଷ୍ଟିସ୍ ଭଟ୍ଟାଚାର୍ଯ୍ୟ ଦୁଇଟି ନୋଟିସ୍ ପାଇବା ସତ୍ତ୍ୱେ ନିର୍ବାଚନୀ ଭାଷଣ ମାମଲାରେ ତାଙ୍କ ସ୍ୱର ନମୁନା ନ ଦେବା ପାଇଁ ଅଭିଷେକ ବାନାର୍ଜୀଙ୍କୁ ଭର୍ତ୍ସନା କରିଥିଲେ । ଜଷ୍ଟିସ ଭଟ୍ଟାଚାର୍ଯ୍ୟ କହିଥିଲେ ଯେ, କୋର୍ଟ କେବଳ ବାନାର୍ଜୀ ତଦନ୍ତକାରୀଙ୍କୁ ସହଯୋଗ କରିବା ସର୍ତ୍ତରେ ଜୁଲାଇ ୩୧ ପର୍ଯ୍ୟନ୍ତ ପୁଲିସକାର୍ଯ୍ୟାନୁଷ୍ଠାନରୁ ମୁକ୍ତି ଦେଇଛନ୍ତି ।

## ରାମମନ୍ଦିର ଦାନ ଚୋରି ମାମଲାରେ ରାଜନୀତି ନ କରିବାକୁ ସୁପ୍ରିମକୋର୍ଟଙ୍କ ତାଗିଦ୍



ନୂଆଦିଲ୍ଲୀ ୨୦/୭(ନ୍ୟୁ.ଏ): ଅଯୋଧ୍ୟା ରାମମନ୍ଦିର ଦାନ ଚୋରି ମାମଲାରେ ସୁପ୍ରିମକୋର୍ଟ ସୋମବାର ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ରାମ ମନ୍ଦିର ଦାନ ଚୋରି ମାମଲାକୁ ରାଜନୈତିକ ରଙ୍ଗ ନଦେବାକୁ ଆବେଦନ କରିଥିବା ପକ୍ଷଙ୍କୁ କଡ଼ା ଚେତାବନୀ ଦେବା ସହିତ ଏହା କେବଳ ଏକ ଅପରାଧିକ ମାମଲା ବୋଲି କହିଛନ୍ତି । ତେବେ ଦାନ ଚୋରି ମାମଲାର ବିସ୍ତୃତ ଶୁଣାଣି ଆସନ୍ତା ସପ୍ତାହକୁ ସ୍ଥଗିତ ରଖାଯାଇଛି । ଅଯୋଧ୍ୟାର ରାମ ମନ୍ଦିରରେ ଦାନ ଚୋରି ଘଟଣାର କୋର୍ଟ ନିରୀକ୍ଷଣରେ ତଦନ୍ତ ପାଇଁ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ମନ୍ତବ୍ୟ ଦେଇଛନ୍ତି । ସୁପ୍ରିମକୋର୍ଟରେ ହୋଇଥିବା ଆବେଦନଗୁଡ଼ିକରେ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ଆକାଉଂଟଗୁଡ଼ିକର ସିବିଆଇ ତଦନ୍ତ, ଫୋରେନସିକ୍ ଅଡିଟ୍ ଓ ନିୟନ୍ତ୍ରକ ଏବଂ ମହାଲେଖା ନିରୀକ୍ଷକ (ସିଏଜି) ଦ୍ୱାରା ଅଡିଟ୍ ଦାବି ଅନ୍ତର୍ଭୁକ୍ତ । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ । ଶୁଣାଣି ସମୟରେ, ଖଣ୍ଡପୀଠ କହିଥିଲେ, ଏହା ଅପରାଧ ମାମଲା । କୋର୍ଟର ଏକମାତ୍ର ଉଦ୍ଦେଶ୍ୟ ହେଉଛି ତଦନ୍ତକୁ ସଠିକ୍ ନିଷ୍କର୍ଷରେ ପହଂଚାଇବା । କୋର୍ଟ ରାଜନୀତି ପାଇଁ ସ୍ଥାନ ନୁହେଁ । କୋର୍ଟ ଏହି ପ୍ରସଙ୍ଗକୁ ରାଜନୀତିକରଣ ନକରିବାକୁ ମଧ୍ୟ ପକ୍ଷଗୁଡ଼ିକୁ କହିଥିଲେ । ରାମ ମନ୍ଦିରରେ ଦାନ ଚୋରି ଘଟଣାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତ ଦଳ (ଏସ୍‌ଆଇଟି) ଗଠନ କରାଯାଇପାରିବ କି ନାହିଁ ସେ ବିଷୟରେ ନିର୍ଦ୍ଦେଶ ନେବାକୁ ସୁପ୍ରିମକୋର୍ଟ ସଲିସିଟର ଜେନେରାଲ ତୁଷାର ମେହେଟାଙ୍କୁ କହିଥିଲେ । ଶୁଣାଣି ସମୟରେ କୋର୍ଟ ମାମଲାର ତଦନ୍ତ କରୁଥିବା ଏସ୍‌ଆଇଟି ଗଠନ ଉପରେ ମଧ୍ୟ ପ୍ରଶ୍ନ ଉଠାଇଥିଲେ । କୋର୍ଟ ଏ ସମ୍ପର୍କରେ ଆବଶ୍ୟକୀୟ ନିର୍ଦ୍ଦେଶ ପ୍ରଦାନ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଖଣ୍ଡପୀଠ ପରାମର୍ଶ ଦେଇଥିଲେ ଯେ, ତଦନ୍ତର ତଦାରଖ ଜଣେ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ଦ୍ୱାରା କରାଯାଇପାରିବ, ଯିଏ ପୂର୍ବରୁ ମାମଲା ପରିଚାଳନା କରିଥିଲେ । କୋର୍ଟ ଏସ୍‌ଆଇଟି ପୁନଃଗଠନ କରିବା ଉପରେ ବିଚାର କରିବାକୁ ମଧ୍ୟ କହିଛନ୍ତି ଯାହା ଦ୍ୱାରା ତଦନ୍ତ ବିନା ବାଧାରେ ଆଗକୁ ବଢ଼ିପାରିବ । ତେବେ କୋର୍ଟଙ୍କୁ ସଲିସିଟର ଜେନେରାଲ କହିଥିଲେ, ଏସ୍‌ଆଇଟି ଗଠନ ହୋଇସାରିଥିବାବେଳେ ଉତ୍ତର ପ୍ରଦେଶ ପୁଲିସ ଘଟଣାର ତଦନ୍ତ କରୁଛି । ଉତ୍ତର ପ୍ରଦେଶ ସରକାର ଏସ୍‌ଆଇଟି ତଦନ୍ତର ଅଗ୍ରଗତି ସମ୍ପର୍କରେ କୋର୍ଟଙ୍କୁ ଅବଗତ କରିବା ପର୍ଯ୍ୟନ୍ତ ଏହି ମାମଲା ଶୁଣାଣି ଆସନ୍ତା ଜୁଲାଇ ୨୭ ତାରିଖକୁ ରଖାଯାଇଛି । ସୂଚନାଯୋଗ୍ୟ, ଏସ୍‌ଆଇଟି ମଧ୍ୟବର୍ତ୍ତୀକାଳୀନ ରିପୋର୍ଟ ଦାଖଲ କରିବା ପରେ ଥାନାରେ ଏତଲା ପଞ୍ଜୀକରଣ ହୋଇଥିଲା ଓ ଆଠ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା । ଏହି ତଦନ୍ତ ପରେ ଟ୍ରଷ୍ଟର ମହାସଚିବ ଚମ୍ପତ ରାୟ ଓ ଟ୍ରଷ୍ଟି ଅନିଲ ମିଶ୍ରଇସ୍ତଫା ଦେଇଥିଲେ ।

## ଜମ୍ମୁ-କାଶ୍ମୀରକୁ ରାଜ୍ୟ ମାନ୍ୟତା ଦାବି



ନୂଆଦିଲ୍ଲୀ, ୨୦/୭ (ନ୍ୟୁ.ଏ): ଜମ୍ମୁ-କାଶ୍ମୀରକୁ ପୂର୍ଣ୍ଣ ରାଜ୍ୟମାନ୍ୟତା ଫେରାଇବା ଦାବିରେ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ନେତୃତ୍ୱରେ ନ୍ୟାସନାଲ କନ୍‌ଫରେନ୍ସ (ଏନ୍‌ସି) ପକ୍ଷରୁ ସୋମବାର ଦିଲ୍ଲୀରେ ବିକ୍ଷୋଭ କରାଯାଇଛି । ତେବେ ଜନ୍ତରମନ୍ତର ଅଭିମୁଖେ ଯାଉଥିବା ଓମାର ଓ ତାଙ୍କ ଦଳର ନେତାମାନଙ୍କୁ ପୁଲିସ ବାଟରେ ଅଟକାଇ ଦେଇଥିଲେ । ଏହାପରେ ଓମାର ନିଜ ଦୁଇ ପୁଅ ଜାହିର ଓ ଜମିରଙ୍କ ସହ ଅଟୋରିକ୍ସାରେ ଯାତ୍ରା କରିଥିଲେ । ତାଙ୍କର ଏହି ଅଟୋଯାତ୍ରାଦିଲ୍ଲୀରେ ଆଲୋଚନାର ବିଷୟ ହୋଇଥିଲା । ସେହି ସମୟରେ କଙ୍କ୍ରୋଚ୍ ଜନତା ପାର୍ଟି (ସିଜେପି) ପକ୍ଷରୁ ସଂସଦ ଅଭିମୁଖେ ପଦଯାତ୍ରା ପାଇଁ ଆହ୍ୱାନ ଦିଆଯାଇଥିବାରୁ ମଧ୍ୟ ଦିଲ୍ଲୀରେ କଡ଼ା ସୁରକ୍ଷା ବ୍ୟବସ୍ଥା ହୋଇଥିଲା । ବିଭିନ୍ନ ରାସ୍ତାରେ ପୁଲିସ ବ୍ୟାରିକେଡ୍ କରିବା ସହ ରାଜଧାନୀକୁ ପ୍ରବେଶ କରୁଥିବା ଗାଡ଼ିଗୁଡ଼ିକୁ ଯାଂଚ କରିଥିଲେ । ଏହି କଟକଣା ଭିତରେ ଏନ୍‌ସି ନେତାମାନେ ଜନ୍ତରମନ୍ତରରେ ପହଂଚିବାକୁ ଉଦ୍ୟମ କରିଥିଲେ । ପୁଲିସ ଅଟକାଇବା ପରେ ଓମାର ଓ ଏନ୍‌ସିର ଅନ୍ୟ ନେତାମାନେ ରାସ୍ତାରେ ବସି ଜମ୍ମୁ-କାଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇବା ସପକ୍ଷରେ ସ୍ଲୋଗାନ୍ ଦେଇଥିଲେ । କେନ୍ଦ୍ର ସରକାର ସେମାନଙ୍କୁ ଜନ୍ତରମନ୍ତରରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରିବାକୁ ଦେଇ ନ ଥିବା ଓମାର ଅଭିଯୋଗ କରିଛନ୍ତି । ତେବେ ଅଟକାଇ ଦିଆଯାଇଥିଲେ ମଧ୍ୟ ସେମାନଙ୍କ ସ୍ୱରକୁ ଚପାଇ ଦିଆଯାଇପାରି ନାହିଁ ବୋଲି ସେ 'ଏକ୍ସ'ରେ ଲେଖିଛନ୍ତି । ରାଜ୍ୟ ମାନ୍ୟତା, ସାମ୍ବିଧାନିକ ଅଧିକାର ଓ ମର୍ଯ୍ୟାଦା ଫେରିପାଇବା ପାଇଁ ଏହି ଆନ୍ଦୋଳନ କେବଳ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି । ଏନ୍‌ସି ବିଧାୟକ ହସନୈନ ମସୁଦି କହିଛନ୍ତି, ଜମ୍ମୁ-କାଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇବା ନେଇ ସଂସଦ ଓ ସୁପ୍ରିମ୍‌କୋର୍ଟରେ ପ୍ରତିଶ୍ରୁତି ଦିଆଯାଇଥିଲା । ଦଳ ପ୍ରାୟ ଦେଢ଼ ବର୍ଷ ଧରି ଧୈର୍ଯ୍ୟର ସହ ଅପେକ୍ଷା କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାହା ପୂରଣ ହୋଇନାହିଁ । ଏଭଳି ଅନିଶ୍ଚିତତା ଦେଶ କିମ୍ବା ଜମ୍ମୁ-କାଶ୍ମୀରବାସୀଙ୍କ ସ୍ୱାର୍ଥରେ ନୁହେଁ ବୋଲି ସେ କହିଛନ୍ତି ।

## ତ୍ରିପୁରା ଡିଜିପି ଅନୁରାଗ ଧନଖରଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର



ଅଗରତାଲା ୨୦/୭(ନ୍ୟୁ.ଏ): ତ୍ରିପୁରା ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଅନୁରାଗ ଧନଖର ଅଗରତାଲା ପୁଲିସ ମୁଖ୍ୟାଳୟରେ ତାଙ୍କ କାର୍ଯ୍ୟାଳୟ ରୁମ୍‌ରେ ଝୁଲନ୍ତା ଅବସ୍ଥାରେ ମିଳିଥିଲେ । ଅଧିକାରୀଙ୍କ ଅନୁଯାୟୀ, ଅନୁରାଗ ଧନଖରଙ୍କୁ ତାଙ୍କ କାର୍ଯ୍ୟାଳୟରେ ଅଚେତ ଅବସ୍ଥାରେ ପାଇଥିଲେ । ତାଙ୍କୁ ତୁରନ୍ତ ଅଗରତାଲାର ଜିବି ପନ୍ତ ହସ୍ପିଟାଲକୁ ନିଆଯାଇଥିଲା, କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ମୃତ୍ୟୁ କେଉଁ ପରିସ୍ଥିତିରେ ଘଟିଛି ସେସମ୍ପର୍କରେ କୌଣସି ସରକାରୀ ସୂଚନା ପ୍ରକାଶ କରାଯାଇ ନାହିଁ । ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀ ମାଣିକ ସାହା ଏବଂ ମୁଖ୍ୟ ସଚିବ ଜେକେ ସିହ୍ନା ବରିଷ୍ଠ ସରକାରୀ ଅଧିକାରୀମାନଙ୍କ ସହିତ ହସ୍ପିଟାଲରେ ପହଂଚିଥିଲେ । ପୁଲିସ ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ କରିଛି । ଏକ ଫୋରେନସିକ୍ ଦଳ ତାଙ୍କ କାର୍ଯ୍ୟାଳୟ ଯାଂଚ କରିଛି ଏବଂ ପ୍ରମାଣ ସଂଗ୍ରହ କରୁଛି । ପୋଷ୍ଟମର୍ଟମ ମଧ୍ୟ ଚାଲିଛି, ଯାହାର ରିପୋର୍ଟ ମୃତ୍ୟୁର କାରଣ ବିଷୟରେ ଅଧିକ ସ୍ପଷ୍ଟ ସୂଚନା ପ୍ରଦାନ କରିବ ବୋଲି ଆଶା କରାଯାଉଛି । କିଛି ପ୍ରାରମ୍ଭିକ ରିପୋର୍ଟରେ ଆତ୍ମହତ୍ୟାର ସୂଚନା ଦିଆଯାଉଛି, କିନ୍ତୁ ଅଧିକାରୀମାନେ ଏପର୍ଯ୍ୟନ୍ତ ଏହାକୁ ନିଶ୍ଚିତ କରିନାହାନ୍ତି । ତଦନ୍ତ ସମାପ୍ତ ହେବା ପୂର୍ବରୁ କୌଣସି ନିଷ୍କର୍ଷ ବାହାର କରିବା ଅନୁଚିତ ହେବ ବୋଲି ପୁଲିସ ସ୍ପଷ୍ଟ କରିଛି । ଅସମ୍ପୂର୍ଣ୍ଣ ସୂଚନା କିମ୍ବା ଗୁଜବକୁ ବିଶ୍ୱାସ କିମ୍ବା ପ୍ରସାର ନ କରିବାକୁ ଲୋକଙ୍କୁ ମଧ୍ୟ ଅନୁରୋଧ କରାଯାଇଛି । ରାଜ୍ୟର ସର୍ବୋଚ୍ଚ ପୁଲିସ ଅଧିକାରୀଙ୍କ ଆକସ୍ମିକ ମୃତ୍ୟୁ ଖବର ପରେ, ବହୁ ବରିଷ୍ଠ ପୁଲିସ ଅଧିକାରୀ, ପ୍ରଶାସନିକ ଅଧିକାରୀ ଏବଂ ସରକାରୀ ପ୍ରତିନିଧି ପୁଲିସ ମୁଖ୍ୟାଳୟ ଏବଂ ହସ୍ପିଟାଲକୁ ଧାଇଁ ଆସିଥିଲେ । ଏହି ଘଟଣା ସମଗ୍ର ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ଦୋହଲାଇ ଦେଇଛି । ଅନୁରାଗ ଧନଖର ୧୯୯୪ ବ୍ୟାଚ୍ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀ ଥିଲେ । ସେ ତ୍ରିପୁରା କ୍ୟାଡରର ଥିଲେ ଏବଂ ୨୦୨୫ ମସିହାରେ ରାଜ୍ୟର ଡିଜିପି ହୋଇଥିଲେ । ତାଙ୍କର ଦୀର୍ଘ ପ୍ରଶାସନିକ ଏବଂ ପୁଲିସ କ୍ୟାରିୟରରେ, ସେ ପୁଲିସିଂ, ଗୁଇନ୍ଦା ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ସହିତ ଜଡିତ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଥିଲେ ।

ADMISSION OPEN- 2025
MODERN
I.T.I
TRADE:
FITTER & ELECTRICIAN
Affiliated to NCVT, Govt. of India, New Delhi
STIPEND FACILITY FOR SC/ST/OBC STUDENTS
Special Concession for very poor & girl students
Sundari, P.O.- Sunhat, Balasore
9437485676, 8249839157, 9438214434

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das